# .. ଶ୍ରୀମଦ୍ଭଗବଦ୍ଗୀତା ଅଷ୍ଟମୋଽଧ୍ୟାୟଃ (ଅକ୍ଷରବ୍ରହ୍ମଯୋଗଃ) ..

CHAPTER 8
IMPERISHABLE BRAHMAN

ଅଥ ଅଷ୍ଟମୋଽଧ୍ୟାୟଃ . ଅକ୍ଷରବ୍ରହ୍ମଯୋଗଃ

ଅର୍ଜୁନ ଉବାଚ .

କିଂ ତଦ୍ ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ .
ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ .. ୮-୧..

ଅର୍ଜୁନ ପଚାରିଲେ --- ହେ ପୁରୁଷୋତ୍ତମ! ସେହି ବ୍ରହ୍ମ କଣ? ଅଧ୍ୟାତ୍ମ କଣ ? କର୍ମ କଣ ? ଅଧିଭୁତ କାହାକୁ କୁହାଯାଇଛି ଏବଂ ଅଧିଦୈବ କାହାକୁ କହନ୍ତି ? ||୮-୦୧ ||

Arjuna said: O Krishna, what is Brahman? What is Adhyaatma? What is Karma? What is called Adhibhoota? And what is known as Adhidaiva? (8.01)

ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍ମଧୁସୂଦନ .
ପ୍ରୟାଣକାଲେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ .. ୮-୨..

ଏବଂ ହେ ମଧୁସୂଦନ! ଏଠାରେ ଅଧିଯଜ୍ଞ କିଏ ଓ ସେ ଏହି ଶରୀରରେ କିପରି ଅଛନ୍ତି, ତଥା ଯୁକ୍ତଚିତ୍ତ ପୁରୁଷମାନଙ୍କ ଦ୍ଵାରା ମରଣକାଳରେ ଆପଣ କିପରି ଜାଣିହୁଅନ୍ତି ? ||୮-୦୨ ||

O Krishna, who is Adhiyajna, and how does He dwell in the body? How can You be remembered at the time of death by the steadfast? (8.02)

ଶ୍ରୀଭଗବାନୁବାଚ .

ଅକ୍ଷରଂ ବ୍ରହ୍ମ ପରମଂ ସ୍ଵଭାବୋଽଧ୍ୟାତ୍ମମୁଚ୍ୟତେ .
ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ .. ୮-୩..

ଶ୍ରୀଭଗବାନ୍ କହିଲେ --- ପରମ ଅକ୍ଷର ବ୍ରହ୍ମ ଅଟେ | ନିଜସ୍ଵରୂପ ଅର୍ଥାତ୍ ଜୀବାତ୍ମା ଅଧ୍ୟାତ୍ମ ନାମରେ କଥିତ ହୁଏ ତଥା ପ୍ରାଣୀମାନଙ୍କର ଉତ୍ପତ୍ତି ଓ ଅଭ୍ୟୁଦୟ କରୁଥିବା ବିସର୍ଗ ଅର୍ଥାତ୍ ତ୍ୟାଗକୁ କର୍ମ କୁହାଯାଏ ||୮-୦୩ ||

The Supreme Lord said: Brahman is the Supreme imperishable. The individual self (or Jeevaatma) is called Adhyaatma. The creative power that causes manifestation of beings is called Karma. (8.03)

## ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ .
## ଅଧିୟଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର .. ୮-୪..

ଉପୃତ୍ତି---ବିନାଶଶୀଳ ସମସ୍ତ ପଦାର୍ଥ ହେଉଛି ଅଧିଭୂତ | ହିରଣ୍ୟମୟ ପୁରୁଷ ହିଁ ଅଧିଦୈବ | ହେ ଦେହଧାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ ! ଏହି ଶରୀରରେ ମୁଁ ବାସୁଦେବ ହିଁ ଅନ୍ତର୍ଯାମୀରୂପରେ ଅଧିଯଜ୍ଞ ଅଟେ | ||୮-୦୪ ||

All perishable objects are called Adhibhoota, and the soul is Adhidaiva. I am Adhiyajna, the five basic elements, in the body, O Arjuna. (8.04)

## ଅଂତକାଲେ ଚ ମାମେବ ସ୍ମରନ୍ମୁକ୍ତ୍ୱା କଲେବରମ୍ .
## ୟଃ ପ୍ରୟାତି ସ ମଦ୍ଭାବଂ ୟାତି ନାସ୍ତ୍ୟତ୍ର ସଂଶୟଃ .. ୮-୫..

ଯେଉଁ ପୁରୁଷ ଅନ୍ତକାଳରେ ହେଲେ ବି ମୋତେ ହିଁ ସ୍ମରଣ କରି କରି ଦେହ ତ୍ୟାଗ କରନ୍ତି, ସେ ମୋର ସାକ୍ଷାତ୍ ସ୍ୱରୂପ ପ୍ରାପ୍ତ ହୁଅନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ||୮-୦୫ ||

The One who leaves the body, at the hour of death, remembering Me attains My abode. There is no doubt about this. (8.05)

## ୟଂ ୟଂ ବାପି ସ୍ମରନ୍ଭାବଂ ତ୍ୟଜତ୍ୟଂତେ କଲେବରମ୍ .
## ତଂ ତମେବୈତି କୌଂତେୟ ସଦା ତଦ୍ଭାବଭାବିତଃ .. ୮-୬..

ହେ କୁନ୍ତିପୁତ୍ର ଅର୍ଜୁନ! ଏହି ମନୁଷ୍ୟ ଅନ୍ତକାଳରେ ଯେଉଁ ଯେଉଁ ଭାବ ସ୍ମରଣ କରି କରି ଶରୀର ତ୍ୟାଗ କରେ, ସେ ତାହା ହିଁ ପ୍ରାପ୍ତ ହୁଏ; କାରଣ ସେ ସବୁବେଳେ ସେହି ଭାବରେ ଭାବିତ ହୋଇ ରହିଥାଏ ||୮-୦୬ ||

Remembering whatever object one leaves the body at the end of life, one attains that object, O Arjuna, because of the constant thought of that object (one remembers that object at the end of life and achieves it). (8.06)

## ତସ୍ମାତ୍ସର୍ବେଷୁ କାଲେଷୁ ମାମନୁସ୍ମର ୟୁଧ ଚ .
## ମୟ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟଃ (ସଂଶୟମ୍) .. ୮-୭..

ଅତଏବ ହେ ଅର୍ଜୁନ! ତୁମେ ସବୁ ସମୟରେ ନିରନ୍ତର ମୋତେ ସ୍ମରଣ କର ଓ ଯୁଦ୍ଧ ମଧ୍ୟ କର | ଏହିପ୍ରକାରେ ମୋଠାରେ ଅର୍ପଣ କରାଯାଇଥିବା ମନ-ବୁଦ୍ଧିରେ ଯୁକ୍ତ ହୋଇ ତୁମେ ନିଃସନ୍ଦେହ ମୋତେ ହିଁ ପ୍ରାପ୍ତ ହେବ ||୮-୦୭ ||

Therefore, always remember Me and do your duty. You shall certainly attain Me if your mind and intellect are fixed on Me. (8.07)

## ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା .

## ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିଂତୟନ୍ .. ୮-୮..

ହେ ପାର୍ଥ! ପରେମେଶ୍ୱରଙ୍କ ଧ୍ୟାନର ଅଭ୍ୟାସରୂପକ ଯୋଗରେ ଯୁକ୍ତ ହୋଇ ଅନ୍ୟ ଆଡେ ଯାଉ ନ ଥିବା ଚିତ୍ତଦ୍ୱାରା ନିରନ୍ତର ଚିନ୍ତନ କରୁଥିବା ମନୁଷ୍ୟ ପରମପ୍ରକାଶରୂପ ଦିବ୍ୟ ପୁରୁଷଙ୍କୁ ଅର୍ଥାତ୍ ପରମେଶ୍ୱରଙ୍କୁ ହିଁ ପ୍ରାପ୍ତ ହୁଅନ୍ତି | ||୮-୦୮ ||

By contemplating on Me with an unwavering mind, disciplined by the practice of meditation, one attains the Supreme divine spirit, O Arjuna. (8.08)

## କବିଂ ପୁରାଣମନୁଶାସିତାର-

## ମଣୋରଣୀୟାଂସମନୁସ୍ମରେଦ୍ ଯଃ .

## ସର୍ବସ୍ୟ ଧାତାରମଚିଂତ୍ୟରୂପ-

## ମାଦିତ୍ୟବର୍ଣଂ ତମସଃ ପରସ୍ତାତ୍ .. ୮-୯..

ଯେଉଁ ପୁରୁଷ ସର୍ବଜ୍ଞ, ଅନାଦି, ସର୍ବନିୟନ୍ତା, ସୂକ୍ଷ୍ମାତିସୂକ୍ଷ୍ମ, ସମସ୍ତଙ୍କର ଧାରଣ-ପୋଷଣକାରୀ, ଅଚିନ୍ତ୍ୟସ୍ୱରୂପ, ସୂର୍ଯ୍ୟସଦୃଶ ନିତ୍ୟ, ଚେତନ, ପ୍ରକାଶରୂପ ଓ ଅବିଦ୍ୟାରୁ ସମ୍ପୂର୍ଣ୍ଣ ଅତୀତ, ଶୁଦ୍ଧ ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କୁ ସ୍ମରଣ କରନ୍ତି, ---- ||୮-୦୯ ||

The one who meditates on Brahman as the omniscient, the oldest, the controller, smaller than the smallest (and bigger than the biggest), the sustainer of everything, the inconceivable, the self luminous like the sun, and as transcendental or beyond the material reality; (8.09)

## ପ୍ରୟାଣକାଲେ ମନସାଽଚଲେନ

## ଭକ୍ତ୍ୟା ଯୁକ୍ତୋ ଯୋଗବଲେନ ଚୈବ .

## ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍

## ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ .. ୮-୧୦..

ସେହି ଭକ୍ତିଯୁକ୍ତ ପୁରୁଷ ଅନ୍ତକାଳରେ ମଧ୍ୟ ଯୋଗବଳରେ ଦୁଇ ଭ୍ରୂଲତାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାଣକୁ ଭଲରୂପେ ସ୍ଥାପନ କରି ଏବଂ ନିଶ୍ଚଳ ମନଦ୍ୱାରା ସ୍ମରଣ କରି କରି ସେହି ଦିବ୍ୟରୂପ ପରମ ପୁରୁଷ ପରମାତ୍ମାଙ୍କୁ ହିଁ ପ୍ରାପ୍ତ ହୁଅନ୍ତି ||୮-୧୦ ||

At the time of death with steadfast mind and devotion; making the flow of Pranic impulse rise up (to the middle of two eye brows) by the power of yoga and holding there; attains the Supreme divine spirit. (See also 4.29, 5.27, and 6.13) (8.10)

ଯଦକ୍ଷରଂ ବେଦବିଦୋ ବଦଂତି

ବିଶଂତି ଯଦ୍ୟତୟୋ ବୀତରାଗାଃ .

ଯଦିଚ୍ଛଂତୋ ବ୍ରହ୍ମଚର୍ୟଂ ଚରଂତି

ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ .. ୮-୧୧..

ଏବଂ ହେ ଅର୍ଜୁନ! ବେଦଜ୍ଞ ବିଦ୍ୱାନ୍ମାନେ ଯେଉଁ ସଚ୍ଚିଦାନନ୍ଦଘନରୂପକ ପରମପଦକୁ ଅବିନାଶୀ ବୋଲି କହନ୍ତି, ଆସକ୍ତିଶୂନ୍ୟ ଯତ୍ନଶୀଳ ସନ୍ନ୍ୟାସୀ ମହାତ୍ମାମାନେ ଯାହା ଠାରେ ପ୍ରବେଶ କରନ୍ତି ଏବଂ ଯେଉଁ ପରମପଦ ଚାହୁଁଥିବା ବ୍ରହ୍ମଚାରୀମାନେ ବ୍ରହ୍ମଚର୍ଯ୍ୟ ଆଚରଣ କରନ୍ତି, ସେହି ପରମପଦକୁ ମୁଁ ତୁମକୁ ସଂକ୍ଷେପରେ କହିବି ||୮-୧୧ ||

I shall briefly explain to you (the process to attain) that goal which the knowers of the Vedas call the imperishable; into which the ascetics, freed from attachment, enter; and desiring which people lead a life of celibacy. (8.11)

ସର୍ବଦ୍ୱାରାଣି ସଂୟମ୍ୟ ମନୋ ହୃଦି ନିରୁଧ୍ୟ ଚ .

ମୂର୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ .. ୮-୧୨..

Controlling all the (nine) doors of the body, the abode of consciousness; focusing the mind on the heart and Prana in the cerebrum, and engaged in yogic practice; (8.12)

ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍ .

ଯଃ ପ୍ରୟାତି ତ୍ୟଜଂଦେହଂ ସ ଯାତି ପରମାଂ ଗତିମ୍ .. ୮-୧୩..

ସକଳ ଇନ୍ଦ୍ରିୟର ଦ୍ୱାର ରୁଦ୍ଧ କରି ତଥା ମନକୁ ହୃଦୟରେ ସ୍ଥିର କରି, ପୁଣି ସେହି ବିଜିତ ମନଦ୍ୱାରା ପ୍ରାଣକୁ ମସ୍ତକରେ ସ୍ଥାପନ କରି, ପରମାତ୍ମସମ୍ବନ୍ଧୀ ଯୋଗଧାରଣାରେ ସ୍ଥିତ ହୋଇ,ଯେଉଁ ପୁରୁଷ 'ଓଁ' -- ଏହି ଏକ ଅକ୍ଷରରୂପକ ବ୍ରହ୍ମକୁ ଉଚ୍ଚାରଣ କରି କରି ଏବଂ ତାହାର ଅର୍ଥସ୍ୱରୂପ ମୋତେ ଅର୍ଥାତ୍ ନିର୍ଗୁଣ ବ୍ରହ୍ମକୁ ଚିନ୍ତନ କରି କରି ଶରୀର ଛାଡି ପ୍ରୟାଣ କରନ୍ତି, ସେହି ପୁରୁଷ ପରମଗତି ପ୍ରାପ୍ତ ହୁଅନ୍ତି ||୮-୧୨-୧୩ ||

One who leaves the body while meditating on Brahman and uttering OM, the sacred monosyllable sound of Brahman, attains the Supreme goal. (8.13)

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ .

ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ .. ୮-୧୪..

ହେ ଅର୍ଜୁନ! ଯେଉଁ ପୁରୁଷ ମୋ ଠାରେ ଅନନ୍ୟଚିତ୍ତ ହୋଇ ସଦାସର୍ବଦା ନିରନ୍ତର ମୋତେ ଅର୍ଥାତ୍ ପୁରୁଷୋତ୍ତମଙ୍କୁ ସ୍ମରଣ କରନ୍ତି, ମୋ ଠାରେ ନିତ୍ୟନିରନ୍ତର ଯୁକ୍ତ ହୋଇଥିବା ସେହି ଯୋଗୀଙ୍କ ପାଇଁ ମୁଁ ସୁଲଭ ଅର୍ଥତ୍ ମୁଁ ତାଙ୍କୁ ସହଜରେ ପ୍ରାପ୍ତ ହୋଇଯାଏ ||୮-୧୪ ||

I am easily attainable, O Arjuna, by that ever steadfast yogi who always thinks of Me and whose mind does not go elsewhere. (8.14)

ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଲୟମଶାଶ୍ୱତମ୍ .

ନାପ୍ନୁବଂତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ .. ୮-୧୫..

ପରମସିଦ୍ଧିପ୍ରାପ୍ତ ମହାତ୍ମାମାନେ ମୋତେ ପ୍ରାପ୍ତ ହୋଇ ଦୁଃଖର ଗୃହରୂପକ କ୍ଷଣଭଙ୍ଗୁର ପୁନର୍ଜନ୍ମ ପାଆନ୍ତି ନାହିଁ ||୮-୧୫ ||

After attaining Me the great souls do not incur rebirth, the impermanent home of misery, because they have attained the highest perfection. (8.15)

ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତିନୋଽର୍ଜୁନ .

ମାମୁପେତ୍ୟ ତୁ କୌଂତେୟ ପୁନର୍ଜନ୍ମ ନ ବିଦ୍ୟତେ .. ୮-୧୬..

ହେ ଅର୍ଜୁନ! ବ୍ରହ୍ମଲୋକପର୍ଯନ୍ତ ସମସ୍ତ ଲୋକ ପୁନରାବର୍ତ୍ତୀ; କିନ୍ତୁ ହେ କୁନ୍ତିପୁତ୍ର! ମୋତେ ପ୍ରାପ୍ତ ହେଲେ ପୁନର୍ଜନ୍ମ ହୁଏ ନାହିଁ; କାରଣ ମୁଁ କାଳାତୀତ ଅଟେ ଏବଂ ସେସବୁ ବ୍ରହ୍ମାଦି ଲୋକ କାଳଦ୍ୱାରା ସୀମିତ ହୋଇଥିବାରୁ ଅନିତ୍ୟ ଅଟନ୍ତି | ||୮-୧୬ ||

The dwellers of all the worlds including the world of Brahmaa, the creator, are subject to (the miseries of) repeated birth and death. But, after attaining Me, O Arjuna, one does not take birth again. (See also 9.25) (8.16)

ସହସ୍ରଯୁଗପର୍ୟଂତମହର୍ୟଦ୍ ବ୍ରହ୍ମଣୋ ବିଦୁଃ .

ରାତ୍ରିଂ ଯୁଗସହସ୍ରାଂତାଂ ତେଽହୋରାତ୍ରବିଦୋ ଜନାଃ .. ୮-୧୭..

ବ୍ରହ୍ମାଙ୍କର ଗୋଟିଏ ଦିନ ଏକସହସ୍ର ଚତୁର୍ଯୁଗୀ ଅବଧିବିଶିଷ୍ଟ ଏବଂ ଗୋଟିଏ ରାତ୍ରି ମଧ୍ୟ ଏକସହସ୍ର ଚତୁର୍ଯୁଗୀ ଅବଧିବିଶିଷ୍ଟ ବୋଲି ଯେଉଁ ପୁରୁଷମାନେ ତତ୍ତ୍ୱତଃ ଜାଣନ୍ତି, ସେହି ଯୋଗୀଜନମାନେ କାଳର ତତ୍ତ୍ୱ ଜାଣନ୍ତି ||୮-୧୭ ||

Those who know that the day of Brahmaa lasts one thousand Yugas (or 4.32 billion years) and that his night also lasts one thousand Yugas, they are the knowers of day and night. (8.17)

ଅବ୍ୟକ୍ତାଦ୍ ବ୍ୟକ୍ତୟଃ ସର୍ବାଃ ପ୍ରଭବଂତ୍ୟହରାଗମେ .

ରାତ୍ର୍ୟାଗମେ ପ୍ରଲୀୟଂତେ ତତ୍ରୈବାବ୍ୟକ୍ତସଂଜ୍ଞକେ .. ୮-୧୮..

ସକଳ ଚରାଚର ଜୀବମାନେ ବ୍ରହ୍ମାଙ୍କ ଦିନର ଆରମ୍ଭରେ ଅବ୍ୟକ୍ତରୁ ଅର୍ଥାତ୍ ବ୍ରହ୍ମାଙ୍କ ସୂକ୍ଷ୍ମଶରୀରୁ ଉତ୍ପନ୍ନ ହୁଅନ୍ତି, ଏବଂ ବ୍ରହ୍ମାଙ୍କ ରାତ୍ରିର ଆରମ୍ଭରେ ବ୍ରହ୍ମାଙ୍କର ଅବ୍ୟକ୍ତ ନାମକ ସେହି ସୂକ୍ଷ୍ମଶରୀରରେ ହିଁ ଲୀନ ହୋଇଯାନ୍ତି ||୮-୧୮ ||

All manifestations come out of the unmanifest state or Prakriti at the arrival of Brahmaa's day, and they again merge into the same Prakriti at the coming of Brahmaa's night. (8.18)

ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ .

ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ .. ୮-୧୯..

ହେ ପାର୍ଥ! ସେହି ଭୂତସମୁଦାୟ ବାରମ୍ବାର ଉତ୍ପନ୍ନ ହୋଇ ପ୍ରକୃତିର ପରବଶ ହେବାରୁ ରାତ୍ରିର ପ୍ରବେଶକାଳରେ ଲୀନ ହୋଇଯାଏ ଏବଂ ଦିନର ପ୍ରବେଶକାଳରେ ପୁନର୍ବାର ଉତ୍ପନ୍ନ ହୁଏ ||୮-୧୯ ||

The same multitude of beings come into existence again and again at the arrival of the day of Brahmaa, and they are annihilated, inevitably, at the arrival of Brahmaa's night. (8.19)

ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ସନାତନଃ .

ୟଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି .. ୮-୨୦..

ଉକ୍ତ ଅବ୍ୟକ୍ତଠାରୁ ମଧ୍ୟ ଯେଉଁ  ଅତିଶ୍ରେଷ୍ଠ  ଅର୍ଥାତ୍ ଯେଉଁ ବିଲକ୍ଷଣ ସନାତନ ଅବ୍ୟକ୍ତ ଭାବ ରହିଛି, ସେହି ପରମ ଦିବ୍ୟ ପୁରୁଷ, ସକଳ ଚରାଚର ପ୍ରାଣୀ ନଷ୍ଟ ହୋଇଗଲେ ମଧ୍ୟ ବିନାଶପ୍ରାପ୍ତ ହୁଅନ୍ତି ନାହିଁ | ||୮-୨୦ ||

There is another eternal unmanifest state higher than (both Purusha and) Prakriti that does not perish when all beings perish. (8.20)

ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ .

ୟଂ ପ୍ରାପ୍ୟ ନ ନିବର୍ତଂତେ ତଦ୍ଧାମ ପରମଂ ମମ .. ୮-୨୧..

ଯେଉଁ ଅବ୍ୟକ୍ତକୁ ଅକ୍ଷର ବୋଲି କୁହାଯାଇଛି, ସେହି ଅକ୍ଷର ନାମକ ଅବ୍ୟକ୍ତଭାବକୁ ପରମଗତି କହନ୍ତି ତଥା ଯେଉଁ ସନାତନ ଅବ୍ୟକ୍ତଭାବ ପ୍ରାପ୍ତ ହେଲେ ମନୁଷ୍ୟମାନେ ଆଉ ଫେରି ଆସନ୍ତି ନାହିଁ, ତାହା ମୋର ପରମଧାମ ଅଟେ | ||୮-୨୧ ||

This unmanifest state is called the imperishable or Brahman. This is said to be the ultimate goal. Those who reach My Supreme abode do not return (or take rebirth). (8.21)

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା .

ୟସ୍ୟାଂତଃସ୍ଥାନି ଭୂତାନି ୟେନ ସର୍ବମିଦଂ ତତମ୍ .. ୮-୨୨..

ହେ ପାର୍ଥ! ଯେଉଁ ପରମାତ୍ମାଙ୍କ ଅନ୍ତର୍ଗତ ହୋଇ ସକଳ ଭୂତ ଅଛନ୍ତି ଏବଂ ଯେଉଁ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଦ୍ୱାରା ଏହି ସମଗ୍ର ଜଗତ  ପରିପୂର୍ଣ୍ଣ ହୋଇଛି, ସେହି ସନାତନ ଅବ୍ୟକ୍ତ ପରମ ପୁରୁଷ ଅନନ୍ୟ ଭକ୍ତିଦ୍ୱାରା ହିଁ ପ୍ରାପ୍ତ ହେବା ଯୋଗ୍ୟ ||୮-୨୨ ||

This Supreme abode, O Arjuna, is attainable by unswerving devotion to Me within which all beings exist, and by which all this universe is pervaded. (See also 9.04 and 11.55) (8.22)

## ଯତ୍ର କାଲେ ତ୍ୱନାବୃତ୍ତିମାବୃତ୍ତିଂ ଚୈବ ଯୋଗିନଃ .

## ପ୍ରୟାତା ଯାଂତି ତଂ କାଲଂ ବକ୍ଷ୍ୟାମି ଭରତର୍ଷଭ .. ୮-୨୩..

ହେ ଅର୍ଜୁନ! ଯେଉଁ କାଳରେ ଶରୀର ଛାଡି ଯାଉଥିବା ଯୋଗୀମାନେ ପନର୍ଜନ୍ମ ହେଉ ନ ଥିବା ଗତି ପ୍ରାପ୍ତ ହୁଅନ୍ତି ଏବଂ ଯେଉଁ କାଳରେ ଶରୀର ଛାଡି ଯାଉଥିବା ଯୋଗୀମାନେ ପୁନର୍ଜନ୍ମ ହେଉଥିବା ଗତି ହିଁ ପ୍ରାପ୍ତ ହୁଅନ୍ତି, ମୁଁ ସେହି ଦୁଇ କାଳର ଅର୍ଥାତ୍ ଦୁଇ ମାର୍ଗର କଥା କହିବି ||୮-୨୩ ||

*O Arjuna, now I shall describe different paths departing by which, during death, the yogis do or do not come back. (8.23)*

## ଅଗ୍ନିର୍ଜ୍ୟୋତିରହଃ ଶୁକ୍ଲଃ ଷଣ୍ମାସା ଉତ୍ତରାୟଣମ୍ .

## ତତ୍ର ପ୍ରୟାତା ଗଚ୍ଛଂତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ .. ୮-୨୪..

ଯେଉଁ ମାର୍ଗରେ ଜ୍ୟୋତିର୍ମୟ ଅଗ୍ନି- ଅଭିମାନୀ ଦେବତା, ଦିନର ଅଭିମାନୀ ଦେବତା, ଶୁକ୍ଳପକ୍ଷର ଅଭିମାନୀ ଦେବତା ଓ ଉତ୍ତରାୟଣର ଛଅମାସର ଅଭିମାନୀ ଦେବତା ଅଛନ୍ତି, ମୃତ୍ୟୁପରେ ସେହି ମାର୍ଗରେ ଯାଉଥିବା ବ୍ରହ୍ମବେତ୍ତା ଯୋଗୀମାନେ ସେହି ଦେବତାମାନଙ୍କ ଦ୍ୱାରା କ୍ରମାନ୍ୱୟରେ ନିଆଯାଇ ବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି ||୮-୨୪ ||

Fire, light, daytime, the bright lunar fortnight, and the six months of the northern solstice of the sun; departing by the path of these gods the yogis, who know Brahman, attain nirvana. (8.24)

## ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ .

## ତତ୍ର ଚାଂଦ୍ରମସଂ ଜ୍ୟୋତିର୍ୟୋଗୀ ପ୍ରାପ୍ୟ ନିବର୍ତତେ .. ୮-୨୫..

ଯେଉଁ ମାର୍ଗରେ ଧୂମାଭିମାନୀ ଦେବତା, ରାତ୍ରି-ଅଭିମାନୀ ଦେବତା, କୃଷ୍ଣପକ୍ଷର ଅଭିମାନୀ ଦେବତା ଏବଂ ଦକ୍ଷିଣାୟନ ଛଅମାସର ଅଭିମାନୀ ଦେବତା ଅଛନ୍ତି, ମୃତ୍ୟୁପରେ ସେହି ମାର୍ଗରେ ଯାଇଥିବା ସକାମ କର୍ମ କରିଥିବା ଯୋଗୀ ଉପରୋକ୍ତ ଦେବତାମାନଙ୍କ ଦ୍ୱାରା କ୍ରମଶଃ ଊର୍ଦ୍ଧ୍ୱଲୋକକୁ ନିଆଯାଇ, ଚନ୍ଦ୍ରମାଙ୍କ ଜ୍ୟୋତି ପ୍ରାପ୍ତ ହୋଇ, ସ୍ୱର୍ଗରେ ନିଜ ଶୁଭକର୍ମର ଫଳ ଭୋଗ କରିସାରି ଫେରି ଆସେ ||୮-୨୫ ||

Smoke, night, the dark lunar fortnight, and the six months of southern solstice of the sun; departing by these paths, the righteous person attains lunar light (or heaven) and reincarnates. (8.25)

## ଶୁକ୍ଲକୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ .

## ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତତେ ପୁନଃ .. ୮-୨୬..

କାରଣ ଜଗତରେ ଶୁକ୍ଳ ଓ କୃଷ୍ଣ -- ଏହି ଦୁଇ ମାର୍ଗକୁ ଅର୍ଥାତ୍  ଦେବଯାନ ଓ ପିତୃଯାନ ମାର୍ଗକୁ ସନାତନ ବୋଲି ଗ୍ରହଣ କରାଯାଏ | ଏ ଦୁଇଟି ମଧ୍ୟରୁ ପ୍ରଥମଟି ଧରି ଗମନ କଲେ ଆଉ ପ୍ରତ୍ୟାବର୍ତ୍ତନ କରିବାକୁ ପଡେ ନାହିଁ! ପରମଗତି ମିଳେ ଏବଂ ଅନ୍ୟଟି ଧରି ଗମନ କଲେ ପୁଣି ଫେରି ଆସିବାକୁ ହୁଏ ଅର୍ଥାତ୍ ଜନ୍ମ-ମୃତ୍ୟୁ ପ୍ରାପ୍ତ ହୁଏ ||୮-୨୬ ||  The path of light (of spiritual practice of Kundalini yoga and Self-knowledge) and the path of darkness (of materialism and ignorance) are thought to be the world's two eternal paths. The former leads to nirvana and the latter leads to rebirth. (8.26)

ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ .

ତସ୍ମାତ୍ସର୍ବେଷୁ କାଲେଷୁ ଯୋଗଯୁକ୍ତୋ ଭବାର୍ଜୁନ .. ୮-୨୭..

ହେ ପାର୍ଥ! ଏପରିଭାବରେ ଏହି ମାର୍ଗଦୁଇଟିକୁ ତତ୍ତ୍ୱତଃ ଜାଣିଗଲେ କୌଣସି ଯୋଗୀ ଆଉ ମୋହଗ୍ରସ୍ତ ହୁଅନ୍ତି ନାହିଁ | ତେଣୁ ହେ ଅର୍ଜୁନ! ତୁମେ ସର୍ବଦା ସମବୁଦ୍ଧିରୂପକ ଯୋଗଦ୍ୱାରା ଯୁକ୍ତ ହୁଅ ଅର୍ଥାତ୍ ନିରନ୍ତର ମୋର ପ୍ରାପ୍ତିପାଇଁ ସାଧନାରତ ହୁଅ | ||୮-୨୭ ||

Knowing these two paths, O Arjuna, a yogi is not bewildered at all. Therefore, O Arjuna, be steadfast in yoga (of meditation) at all times. (8.27)

ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ

ଦାନେଷୁ ଯତ୍ପୁଣ୍ୟଫଲଂ ପ୍ରଦିଷ୍ଟମ୍ .

ଅତ୍ୟେତି ତତ୍ସର୍ବମିଦଂ ବିଦିତ୍ୱା

ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ .. ୮-୨୮..

ଯୋଗୀ ପୁରୁଷ ଏହି ରହସ୍ୟ ତତ୍ତ୍ୱତଃ ଜାଣିଯାଇ ବେଦ ପଢିବାରେ ତଥା ଯଜ୍ଞ, ତପ ଓ ଦାନାଦି କର୍ମମାନଙ୍କରେ ଯେଉଁ ପୁଣ୍ୟଫଳ ମିଳେ ବୋଲି କୁହାଯାଇଛି, ସେସବୁକୁ ନିଃସନ୍ଦେହ ଉଲ୍ଲଂଘନ କରିଯାନ୍ତି ଏବଂ ସନାତନ ପରମପଦ ପ୍ରାପ୍ତ ହୁଅନ୍ତି | ||୮-୨୮ ||

The yogi who knows all this goes beyond getting the benefits of the study of the Vedas, performance of sacrifices, austerities, and charities, and attains the Supreme eternal abode. (8.28)

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ

ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ

ଅକ୍ଷରବ୍ରହ୍ମଯୋଗୋ ନାମାଷ୍ଟମୋଽଧ୍ୟାୟଃ .. ୮..

**

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**